# Akashvani, Sambalpur

## SAMBALPURI NEWS EVENING BULLETIN

## 9 May 2026-7.02- 7.12 pm.

---

୧- ପଶ୍ଚିମବଙ୍ଗ୍‌ର ମୁଖ୍ୟମନ୍ତ୍ରୀ ଭାବେ ବିଜେପି ବିଧାୟକ୍ ଦଲର୍ ନେତା ଶୁଭେନ୍ଦୁ ଅଧିକାରୀ ନେଲେ ଶପଥ୍ ।

୨- ପ୍ରଧାନ୍‌ମନ୍ତ୍ରୀ ଜୀବନ୍‌ଜ୍ୟୋତି, ସୁରକ୍ଷା ବୀମା ଆଉ ଅଟଳ ପେନ୍‌ସନ୍ ଯୋଜ୍‌ନାକେ ଆଏଜ୍ ପୁର୍‌ଲା ୧୧ ବଛର୍ ।

୩- ରାଜ୍ୟର୍ ସବୁ ଜିଲ୍ଲା ନ ଆଏଜ୍ ହେଇଯାଇଛେ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ।

ଆଉର୍

୪- ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ହେଇଥିବା ଘୂର୍ଣ୍ଣିବଳୟ ଆଏବା ସୋମ୍‌ବାର୍ ଲଘୁଚାପ୍‌ଥି ବଦ୍‌ଲିବା- ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ।

ଶୁଭେନ୍ଦୁ ଅଧିକାରୀ- ଶପଥ୍ ଗ୍ରହଣ୍          ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମବଙ୍ଗ୍‌ର ନୂଆଁ ମୁଖ୍ୟମନ୍ତ୍ରୀ ଭାବେ ବିଜେପି ବିଧାୟକ୍ ଦଳର୍ ନେତା ଶୁଭେନ୍ଦୁ ଅଧିକାରୀ ଆଏଜ୍ ଶପଥ୍ ଗ୍ରହଣ୍ କରିଛନ୍ । କୋଲ୍‌କାତାର ବ୍ରିଗେଡ୍ ପରେଡ୍ ପଡ଼ିଆ ଠାନେ ହେଇଥିବା ଶପଥ୍ ଗ୍ରହଣ୍ ସମାରୋହ୍‌ଥି ରାଜ୍ୟପାଲ୍ ଆର୍.ଏନ୍. ରବି - ଶ୍ରୀ ଅଧିକାରୀଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍ । ବିଜେପି ପହେଲାଥର୍ ଲାଗି ପଶ୍ଚିମବଙ୍ଗ୍ ନ ସର୍‌କାର୍ ଗଠନ୍ କରିଛେ । ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଭବାନୀପୁର୍ ଆଉ ନନ୍ଦିଗ୍ରାମ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀ ନୁ ନିର୍ବାଚିତ୍ ହେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀଙ୍କର୍ ସହେତେ ଦିଲ୍ଲୀପ୍ ଘୋଷ୍, ଅଗ୍ନିମିତ୍ର ପାଉଲ୍, ଅଶୋକ୍ କୀର୍ତନିଆ, ଖୁଦିରାମ୍ ଟୁଡୁ, ନିଶିତ୍ ପ୍ରମାଣିକ୍ ପ୍ରମୁଖ ମନ୍ତ୍ରୀ ଭାବେ ଶପଥ୍ ଗ୍ରହଣ୍ କରିଛନ୍ । ସମାରୋହ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂଙ୍କର୍ ସହେତେ ଏନ୍‌ଡିଏ ଆଉ ବିଜେପି ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ, ଦଳର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍ ପ୍ରମୁଖ୍ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ୨ ନମ୍ବର୍ ୟୁନିଟ୍ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଲୟ ନ ଆଏବା ୧୧ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ସୋମ୍‌ନାଥ୍ ଅମୃତ୍ ପର୍ବ ଆର୍‌ଏନ୍‌ୟୁ/ କଟକ୍/ବୌଦ୍ଧ

ଗୁଜୁରାଟ୍‌ର ସୋମ୍‌ନାଥ୍ ମନ୍ଦିର୍‌ର ପୁନଃନିର୍ମାଣ୍‌ର ୭୫ ବଛର୍ ପୂର୍ତି ଅବ୍‌ସରେ ସୋମ୍‌ନାଥ୍ ଅମୃତ୍ -୨୦୨୬ ପାଲନ୍ କରାଯାଉଛେ । ୫ ଦିନ୍ ଧରିକରି ହେବାର୍‌କେ ଥିବା ଇ ଉତ୍ସବ୍ ମନ୍ଦିର୍‌ର ଐତିହାସିକ ଗୁରୁତ୍ୱ ଆଉ ସ୍ଥାୟୀ ଐତିହ୍ୟକେ ପ୍ରତିପାଦନ୍ କରୁଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ସୋମ୍‌ବାର୍ ଦିନ

ସୋମ୍‌ନାଥ୍ ମନ୍ଦିର୍ ଯିବେ । ୧୦୨୬ ମସିହାଥି ସୋମ୍‌ନାଥ୍ ମନ୍ଦିର୍ ଉପ୍‌ରେ ପହେଲାଥର୍ ଆକ୍ରମଣ୍ ହେଇଥିଲା । ଇ ବଛର୍ ଇତାର୍ ହଜାରେ ବଛର୍ ପୁରା ହେଇଛେ । ୧୯୫୧ ମସିହାଥି ସୋମ୍‌ନାଥ୍ ମନ୍ଦିର୍ ଫେର୍ ଖୁଲିଥିଲା । ଇ ବଛର୍ ଇତାର୍ ୭୫ ନମ୍ବର୍ ବାର୍ଷିକୀ ପାଲନ୍ କରାଯାଉଛେ । ଭାରତ୍‌ର ପହେଲା ରାଷ୍ଟ୍ରପତି ଡକ୍ଟର୍ ରାଜେନ୍ଦ୍ର ପ୍ରସାଦ୍ ୧୯୫୧ ମସିହାଥି ଇଟାକେ ଦେଶ୍ ଉଦ୍ଦେଶ୍ୟଥି ଉତ୍ସର୍ଗ କରିଥିଲେ । ଭଗବାନ୍ ଶିବଙ୍କର୍ ୧୨ ଟା ଆଦି ଜ୍ୟୋର୍ତିଲିଙ୍ଗ ଭିତ୍‌ରୁ ପହେଲା ଭାବେ ସୋମ୍‌ନାଥ୍ ମନ୍ଦିର୍ ଗୁଟେ ପବିତ୍ର ଜାଗାର ମାଏନ୍‌ତା ପାଇଛେ ।

ବୌଦ୍ଧ ଜିଲ୍ଲା ନ ସୋମ୍‌ନାଥ୍ ସ୍ୱାଭିମାନ୍ ପର୍ବର ୧ ହଜାର୍ ବଛର୍ ପୂର୍ତି ଅବ୍‌ସରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ଲାଗି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆଏବା ସୋମ୍‌ବାର୍ ଦିନ ଜିଲ୍ଲାର୍ ପବିତ୍ର ରାମେଶ୍ୱର୍ ମନ୍ଦିର୍ ପରିସର୍ ନ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ ।

ଶ୍ରୀକ୍ଷେତ୍ର ଭଉଁରୀ ଆର୍‌ଏନ୍‌ୟୁ/ କଟକ୍

ପୁରୀ ନ ଶ୍ରୀକ୍ଷେତ୍ର ଭଉଁରୀ ଯାତ୍ରା ଅବ୍‌ସରେ ଆଏଜ୍ ପରମ୍ପରା ଅନ୍‌ସାରେ ରଥଖଲା ନ ତିନ୍‌ହି ରଥଥି ଚକଅଖ ଡେରା ନୀତି ସରିଛେ । ସକାଲ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ଘଂଟଛତା ବିଜେ କାହାଲୀ ସଙ୍ଗେ ପଟୁଆର୍‌ଥି ଆଜ୍ଞାମାଳ ବିଜେ ହେଇଥିଲା । ପୂଜାପଣ୍ଡା ସେବକ୍‌ମାନେ ବିଧି ଅନ୍‌ସାରେ ତିନ୍‌ହି ରଥ ଲାଗି ଆଜ୍ଞାମାଳକେ ରଥ ଖଲା ନ ବିଜେ କର୍‌ବାର୍ ଉତ୍‌ରୁ ତିନ୍‌ହି ରଥର୍ ଚକ ସାଙ୍ଗେ ଅଖ ସଂଯୋଗ୍ କରାଯାଇଥିଲା । ଆଏଜ୍ ବାହାର ଚନ୍ଦନ୍ ଯାତ୍ରାର୍ ଶେଷ୍ ଦିନେ ନରେନ୍ଦ୍ର ପୁଷ୍କରିଣୀ ନ ରାତ୍ର ଚାପଥି ୨୧ ଘେରା ଜଳକ୍ରୀଡ଼ା ସହେତେ ଭଉଁରୀ ବିଧି ହେବା । ଇ ଅବ୍‌ସରେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍,

(ଭଏସ୍ ଓଭର-ଅରବିନ୍ଦ ପାଢ଼ୀ)

ବାହାର୍ ଚନ୍ଦନ୍ ଯାତ୍ରା ଉତ୍‌ରୁ ଆଏବା ୧୦ ଆଉ ୧୧ ତାରିଖ୍ ୨ ଦିନ୍ ଧରିକରି ଶ୍ରୀମନ୍ଦିର୍ ଭିତର୍ ରତ୍ନଭଣ୍ଡାର୍ ରତ୍ନଅଲଙ୍କାର୍ ଗନ୍‌ତିମନ୍‌ତି କାମ୍ ଫେର୍‌ଘାଏ ମୁଲ୍ ହେବା ବଲି ଶ୍ରୀ ପାଢ଼ୀ ସୂଚ୍‌ନା ଦେଇଛନ୍ । ମାହାପୁରୁଙ୍କର୍ ବାହାର ଚନ୍ଦନ୍ ଯାତ୍ରା ଆଉ ଆଏଜ୍ ହେଉଥିବା ଭଉଁରୀ ନୀତି ଲାଗି ଗନ୍‌ତି ମନ୍‌ତି

କାମ୍ ଅସ୍ଥାୟୀ ଭାବେ ସ୍ଥଗିତ୍ ରଖାଯାଇଥିଲା । ଏପ୍ରିଲ୍ ୧୪ ତାରିଖ୍‌ନୁ ମୁଲ୍ ହେଇଥିବା ଇ କାମ୍‌ଥି ଏବ୍‌ତକ୍ ଶହେନୁ ଅଏତ୍‌କା ଅଲଙ୍କାର୍ ଗନ୍‌ତି ଶେଷ୍ ହେଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ତିଆର୍ ମାର୍ଗଦର୍ଶିକା ଅନ୍‌ସାରେ ଗନ୍‌ତି କାମ୍ କରାଯାଉଛେ ।

ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ସାଧାରଣ୍ ଲୁକ୍‌କୁ ସୁରକ୍ଷା ଦେବାର୍ ଆଉ ସମିଆଥି ଆର୍ଥିକ୍ ସାହାଜ୍ ଲାଗି ମୁଲ୍ ହେଇଥିବା ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍‌ନାକେ ଆଏଜ୍ ୧୧ ବଛର୍ ପୁରା ହେଇଛେ । ୨୦୧୫ ମସିହାଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ -ପ୍ରଧାନ୍‌ମନ୍ତ୍ରୀ ଜୀବନ୍ ଜ୍ୟୋତି ଯୋଜ୍‌ନା, ସୁରକ୍ଷା ବୀମା ଯୋଜ୍‌ନା, ଅଟଲ୍ ପେନ୍‌ସନ୍ ଯୋଜ୍‌ନା ବାଗିର୍ ୩ ଟା ସାମାଜିକ୍ ଯୋଜ୍‌ନାକେ ପର୍ଶ୍ଚିମବଙ୍ଗ୍ କୋଲ୍‌କାତା ଠାନେ ଶୁଭାରମ୍ଭ କରିଥିଲେ ।

ଇ ବାବ୍‌ଦେ ଶୁନୁନ୍ ଗୁଟେ ଉପସ୍ଥାପନା ।

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

ଦେଶର୍ ଅଣସଂଗଠିତ୍ ବର୍ଗର୍ ଲୁକ୍‌କୁ ଆର୍ଥିକ୍ ଦୃଷ୍ଟିନୁ ସୁରକ୍ଷିତ୍ ରଖିବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଜୀବନ୍‌ଜ୍ୟୋତି ବୀମା ଯୋଜ୍‌ନା ଆଉ ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍‌ନାକେ କାର୍ଯ୍ୟକାରୀ କରାଯାଉଛେ । ସେନ୍ତା ବୃଦ୍ଧାବସ୍ଥାଥି ଆର୍ଥିକ୍ ସାହାଜ୍ ଲାଗି ଅଟଲ୍ ପେନ୍‌ସନ୍ ଯୋଜ୍‌ନା ଲାଗୁ କରାଯାଇଛେ । ଦାରିଦ୍ର୍ୟ ସୀମାରେଖା ତଲେ ଥିବା ଲୁକ୍‌କୁ ଆର୍ଥିକ୍ ସେବା ଦେବାର୍‌ଟା ଇ ଯୋଜ୍‌ନା ମାନ୍‌କର୍ ମୁଖିଆ ଲକ୍ଷ୍ୟ ଆଏ । ପ୍ରଧାନ୍‌ମନ୍ତ୍ରୀ ଜୀବନ୍‌ଜ୍ୟୋତି ବୀମା ଯୋଜ୍‌ନାର୍ କେନ୍‌ସି ହିତାଧିକାରୀଙ୍କର୍ ମୃତ୍ୟୁ ହେଲେ ପରିବାର୍ ଲୁକ୍‌କୁ ଆର୍ଥିକ୍ ସାହାଜ୍ ମିଲିଥିସି । ୧୮ ନୁ ୫୦ ବଛର୍ ବୟସର୍ ଲୋକ୍ ଇଥି ପଞ୍ଜିକୃତ୍ ହେଇପାର୍‌ସନ୍ । ବଛର୍‌କ ୪ ଶହ ୩୬ ଟଙ୍କା ପ୍ରିମିୟମ୍ ବଦ୍‌ଲେ ମୃତ୍ୟୁକାଲୀନ୍ ସାହାଜ୍ ବାବ୍‌ଦେ ୨ ଲାଖ୍ ଟଙ୍କା ମିଲ୍‌ସି । ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍‌ନା ଦୁର୍ଘଟଣା ବୀମା ସରଳ, ସୁଲଭ୍ ଆଉ ସହଜ୍‌ଥି ମିଲୁଛେ । ଏଛେନ୍‌ତକ୍ ଇଥି ୫୮ କୋଟି ୯ ଲାଖ୍ ନୁ ଅଏତ୍‌କା ଲୋକ୍ ପଞ୍ଜିକରଣ୍ କରିଛନ୍ । ସେମାନ୍‌କର୍ ଭିତ୍‌ରୁ ଏପ୍ରିଲ୍ ମାସ୍ ଶେଷ୍‌ତକ୍ ୩ ହଜାର୍ ୬ ଶହ ୭୬ କୋଟି ୯ ଲାଖ୍ ଟଙ୍କା ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି

*ଲୁକ୍‌କର୍ ସ୍ୱାସ୍ଥ୍ୟସୁରକ୍ଷା କ୍ଷେତ୍ର ନ ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଇଛେ । ଆଏବା ଦିନେ ଇ ଯୋଜ୍‌ନାକେ ଆହୁରି ଅଏଡ୍‌କା ଲୁକ୍‌କର୍ ପାଖିକେ ପୁହୁଁଚାବାର୍‌କେ ଲକ୍ଷ୍ୟ ରଖାଯାଇଛେ ।*

*ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ସୁପ୍ରିତୀ ମିଶ୍ର ।*

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ଆର୍‌ଏନ୍‌ୟୁ/ କଟକ୍/ ନୂଆପଡ଼ା

ରାଜ୍ୟର୍ ସବୁ ଜିଲ୍ଲା ନ ଆଏଜ୍ ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ । ଓଡ଼ିଶା ଆଇନ୍‌ସେବା ପ୍ରାଧିକରଣ୍‌ର ମୁଖ୍ୟ ପୃଷ୍ଠପୋଷକ ଆଉ ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କର୍ ଦେଖିରେଖି ଇ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍‌ର ଆୟୋଜନ୍ କରାଯାଇଛେ ।

ଓଡ଼ିଶା ହାଇକୋର୍ଟ ପରିସର୍ ନ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ଶହେ ୧୫ ଟା ମାମ୍‌ଲାର୍ ସମାଧାନ୍ ହେବାର୍ ସହେତେ ୯ କୋଟି ୬୮ ଲାଖ୍ ୧୧ ହଜାର୍ ୩ ଶହ ୩୪ ଟଙ୍କା

କ୍ଷତିପୂରଣ୍ ଦିଆଯାଇଛେ । ଲୋକ୍‌ଅଦାଲତ୍‌ଥି ହାଇକୋର୍ଟର ୧୧ ଝନ୍ ବିଚାର୍‌ପତି ଭିନ୍ ଭିନ୍ ମାମ୍‌ଲାର୍ ଶୁଣାଣି କରିଛନ୍ ।

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ । ଅଦାଲତ୍‌ଥି ମୋଟ୍ ୫ ହଜାର୍ ୭ ଶହ ୯୬ ଟା ମାମ୍‌ଲାର୍ ଆପୋଷ୍ ସମାଧାନ୍ କରାଯାଇଛେ । ଇଥି ପାରିବାରିକ୍, ଦେଓ୍ୱାନୀ, ମୋଟର୍ ଦୁର୍ଘଟଣାଜନିତ କ୍ଷତିପୂରଣ୍, ଖାଉଟି ଆଉ ରାଜସ୍ୱ ମାମ୍‌ଲା ସାମିଲ୍ ଥିଲା । ପାଖାପାଖି ୧ କୋଟି ୮୩ ଲାଖ୍ ଟଙ୍କାର୍ ଆପୋଷ୍ ସମାଧାନ୍ କରାଯାଇଛେ ।

ଅଗ୍ନି କ୍ଷେପଣାସ୍ତ୍ର ଏନ୍‌ଏସ୍‌ଡି

ଭାରତ୍ ଗଲାକାଏଲ୍ ଓଡ଼ିଶାର ଡକ୍ଟର୍ ଏପିଜେ ଅବ୍‌ଦୁଲ୍ କଲାମ୍ ଦ୍ୱୀପନୁ ଏମ୍.ଆଇ.ଆର୍.ଭି. ସିଷ୍ଟମ୍ ସହେତେ ଉନ୍ନତ୍ ଅଗ୍ନି କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ କରିଛେ । ପ୍ରତିରକ୍ଷା ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଇ କ୍ଷେପଣାସ୍ତ୍ର ଭିନ୍ ଭିନ୍ ପେଲୋଡ୍ ସହେତେ ଭାରତୀୟ ମହାସାଗରୀୟ ଅଂଚଲ୍‌ର

ବ୍ୟାପକ୍ ଭୌଗୋଳିକ୍ ଇଲାକା ନ ଥିବା ଭିନ୍ ଭିନ୍ ଲକ୍ଷ୍ୟକେ ସଠିକ୍ ଭାବେ ଭେଦ କରିଛେ । ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ଡିଆରଡିଓ, ଭାରତୀୟ ସେନା ଆଉ ଶିଳ୍ପସଂସ୍ଥାକେ ଇ ସଫଳତା ଲାଗି ଅଭିନନ୍ଦନ୍ ଜନେଇଛନ୍ । ସେ କହିଛନ୍, ଏମ୍.ଆଇ.ଆର୍.ଭି. କ୍ଷମତା ଇହାଦେ ବଢୁଥିବା ସୁରକ୍ଷା ଆହ୍ୱାନ୍ ଥି ଦେଶର୍ ପ୍ରତିରକ୍ଷା ପ୍ରସ୍ତୁତି ଲାଗି ବହୁତ୍ ବଡ଼ ଭୂମିକା ନେବା ।

ସାଇବର୍ କୋର୍ଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଦ୍‌ଲୁଥିବା ଜନସଂଖ୍ୟା ପରିସ୍ଥିତିକେ ନଜର୍‌ଥି ରଖିକରି ଆଇନ୍ ବ୍ୟବସ୍ଥାକେ ସମୟୋପଯୋଗୀ କର୍‌ବାର୍ ଉପ୍‌ରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଜୋର୍ ଦେଇଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ନ ଆଇନ୍ ବିଭାଗ୍ ୟୁ.ଏନ୍.ଏଫ୍.ପି.ଏ.ର ମିଳିତ୍ କର୍ମଶାଳାଥି ଯୋଗ୍ ଦେଇକରି ସେ କହିଛନ୍, ବିକଶିତ୍ ଓଡ଼ିଶା ୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟ ପୁରା କର୍‌ବାର୍ ଲାଗି ଆଇନ୍‌ଥି ସୁଧାର୍ ଆନ୍‌ବାର୍ ବହୁତ୍ ଜରୁରୀ

ଆଏ । ମହିଳାମାନ୍‌କର୍ ସୁରକ୍ଷା ଲାଗି ୭ ଟା ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଆଉ ସାଇବର୍ ଅପରାଧ୍‌ର ମୁକାବିଲା ଲାଗି ୫ ଟା ସ୍ୱତନ୍ତ୍ର ସାଇବର୍ କୋର୍ଟ ଥାପ୍‌ନା କର୍‌ବାର୍‌କେ ରାଜ୍ୟ ସର୍‌କାର୍ ବିଚାର୍ କରୁଛନ୍ । ଗ୍ରାମାଂଚଲ୍ ଆଉ ଜନଜାତୀୟ ମାନ୍‌କର୍ ଲାଗି ସ୍ଥାନୀୟ ଭାଷାଥି ଆଇନ୍‌ଗତ ସଚେତନତା କାର୍ଯ୍ୟକ୍ରମ୍ କର୍‌ବାର୍ ସହେତେ ଯୁବକୈନ୍ଦ୍ରିକ ନୀତି ପ୍ରଣୟନ୍ ଉପ୍‌ରେ ଭିଲ୍ ସର୍‌କାର୍ ବିଚାର୍ କରୁଛନ୍ ।

ୱାଟ୍‌କୋ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ଜଲ ନିଗମ୍ ୱାଟ୍‌କୋ ନିଜର୍ ଅଧୀନ୍‌ଥି ଥିବା ୨୯ ଟା ସହରାଂଚଲ୍ ନ ଶହେ ପ୍ରତିଶତ୍ ଘରୋଇ ପାଇପ୍ ଜଲ୍‌ସଂଯୋଗ୍‌କେ ସୁନିଶ୍ଚିତ୍ କରିକରି ଗୁଟେ ଐତିହାସିକ୍ ସଫଲତା ହାସଲ୍ କରିଛେ । ଭୁବ୍‌ନେଶ୍ୱର୍ ନ ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ସମୀକ୍ଷା ବୈଠକ୍‌ଥି ଇ ସୂଚ୍‌ନା ଦିଆଯାଇଛେ । ଇହାଦେ ୧୧ ଟା ସହର୍ ନ ୨୪ ଘଂଟିଆ

ସଫା ପିଇବାର୍ ପାଏନ୍ ଯୋଗାଣ୍ ଚାଲିଥିବାର୍ ବେଲେ ଅଲ୍‌ଗା ୧୭ ଟା ସହରେ ଇତାର୍ ସମ୍ପ୍ରସାରଣ୍ କାମ୍ ଜାରି ରହିଛେ । ୨୦୨୬-୨୭ ଆର୍ଥିକ୍ ବଛ୍‌ରେ ଜଲ୍ ଆଉ ସ୍ୱେରେଜ୍ ଭିତିଭୂମି ବିକାଶ୍ ଲାଗି ୯ ଶହ ୨୦ କୋଟି ଟଙ୍କାର୍ କାର୍ଯ୍ୟଯୋଜ୍‌ନା ତିଆର୍ ହେଇଥିବା ଓ୍ୱାଟ୍‌କୋ ତର୍‌ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଲୟ ଆଏବା ସୋମ୍‌ବାର୍‌ତକ୍ ଲଘୁଚାପ୍‌ଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।